# NATIONAL NEWS BULLETIN (ODIA)
## 6 November - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ

– ଅପରାହ୍ନ ୫ଟା ସୁଦ୍ଧା ୬୦ ପ୍ରତିଶତରୁ ଅଧିକ ମତଦାତା ସାବ୍ୟସ୍ତ କରିଛନ୍ତି ମତାଧିକାର

- 'ବନ୍ଦେ ମାତରମ୍' ସଂଗୀତର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ଆସନ୍ତାକାଲି ନୂଆଦିଲ୍ଲୀରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

- ଆଙ୍ଗୋଲା ଓ ବୋତ୍ସୱାନାକୁ ଆସନ୍ତା ଶନିବାରଠାରୁ ୬ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି

- ସଂସଦ ଖେଳ ମହୋତ୍ସବର ଅଂଶସ୍ୱରୂପ ନୂଆଦିଲ୍ଲୀରେ ଆସନ୍ତା ୧୬ ତାରିଖରେ ଆୟୋଜିତ ହେବ ନମୋ ଦୌଡ଼ ମାରାଥନ

ଏବଂ

- କୁଇନ୍ସଲାଣ୍ଡ ଟି-ଟ୍ୱେଣ୍ଟିରେ ଅଷ୍ଟ୍ରେଲିଆକୁ ୪୮ ରନ୍‌ରେ ପରାସ୍ତ କଲା ଭାରତ

– ସିରିଜ୍‌ରେ ୨-୧ରେ ଆଗୁଆ

# ବିହାର ପୋଲିଂ

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ, ମତଦାନ ହାର ୬୦ ଦଶମିକ ୧/୩ ପ୍ରତିଶତ ରହିଥିଲା। ମୁଜାଫରପୁରରେ ୬୪ ଦଶମିକ ୬/୩ ପ୍ରତିଶତ, ଗୋପାଳଗଞ୍ଜରେ ୬୪ ଦଶମିକ ୯/୬ ପ୍ରତିଶତ ଏବଂ ବେଗୁସରାଇରେ ସବୁଠାରୁ ଅଧିକ ୬୭ ଦଶମିକ ୩/୨ ପ୍ରତିଶତ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ଆଜି ମତଦାନ ଅନୁଷ୍ଠିତ ହୋଇଥିଲା। ଏହି ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କର ରାଜନୈତିକ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ସେମାନଙ୍କ ମଧ୍ୟରେ ବିଜେପି ନେତା ତଥା ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନାଙ୍କ ସମେତ ନୀତିଶ କୁମାରଙ୍କ ମନ୍ତ୍ରିମଣ୍ଡଳର ୧୬ ଜଣ ମନ୍ତ୍ରୀ ଏବଂ ଆର୍‌ଜେଡି ନେତା ତଥା ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ପ୍ରସାଦ ଯାଦବ ମଧ୍ୟ ରହିଛନ୍ତି।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ବିଭିନ୍ନ ରାଜନୈତିକ ଦଳର ଷ୍ଟାର୍ ପ୍ରଚାରକ ଏବଂ ପ୍ରାର୍ଥୀ ର୍‍ୟାଲି, ଜନସମାବେଶ ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନରେ ଆସନ୍ତା ୧୧ ତାରିଖରେ ମତଗ୍ରହଣ କରାଯିବ। ୧୪ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ପିଏମ୍-ବନ୍ଦେ ମାତରଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଜାତୀୟ ଗୀତ 'ବନ୍ଦେ ମାତରମ'ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବର୍ଷେବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସଂସ୍କୃତି ମନ୍ତ୍ରଣାଳୟପକ୍ଷରୁ ଏହି ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମ ଆସନ୍ତାକାଲିଠାରୁ ଆରମ୍ଭ ୨୦୨୬ ମସିହା ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି । ଏହି ସଂଗୀତର କାଳଜୟୀ ରଚନା ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇବା ସହିତ ଜାତୀୟ ଗର୍ବ ଓ ଏକତାକୁ ବଜାୟ ରଖିବା ଦିଗରେ ଏକ ପ୍ରେରଣାର ଉତ୍ସ ହୋଇ ରହିଛି । ଏହି ବର୍ଷେବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଗତମାସ ୧ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଆସନ୍ତାକାଲି ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ

ସହିତ ପ୍ରଧାନମନ୍ତ୍ରୀ' ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ଏମ୍‌ଇଏ-ବ୍ରିଫିଂ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଶନିବାରଠାରୁ ଆଙ୍ଗୋଲା ଏବଂ ବୋତସ୍‌ୱାନାକୁ ଛଅ ଦିନିଆ ଗସ୍ତରେ ଯିବେ। ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ଆର୍ଥିକ ସହଯୋଗ ବିଭାଗ ସଚିବ ସୁଧାକର ଦଲେଲା କହିଛନ୍ତି, ଏହି ଦୁଇ ରାଷ୍ଟ୍ରକୁ ଗସ୍ତ କରିବାରେ ରାଷ୍ଟ୍ରପତି ମୁର୍ମୁ ହେବେ ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ। ସେ କହିଛନ୍ତି, ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ତାଙ୍କର ଆଙ୍ଗୋଲା ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଆସନ୍ତା ୧୧ ତାରିଖରେ ଆଙ୍ଗୋଲା ସ୍ୱାଧୀନତାର ୫୦ତମ ବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଆଙ୍ଗୋଲା ସଂସଦକୁ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରିବା ସହ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ କରିବେ ବୋଲି ଶ୍ରୀ ଦଲେଲା କହିଛନ୍ତି।

## ପିଏମ୍-କନଫରେନ୍ସ ଲିଗାଲ ଏଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ନୂଆଦିଲ୍ଲୀରେ 'ଆଇନଗତ ସହାୟତା ପ୍ରଦାନ ବ୍ୟବସ୍ଥା'କୁ ସୁଦୃଢ଼ କରିବା ପାଇଁ ଆୟୋଜିତ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ଅବସରରେ

ପ୍ରଧାନମନ୍ତ୍ରୀ ଜାତୀୟ ନ୍ୟାୟିକ ସେବା କର୍ତ୍ତୃପକ୍ଷ ଦ୍ୱାରା ପ୍ରସ୍ତୁତ ପ୍ରଶିକ୍ଷଣ ପାଠ୍ୟକ୍ରମକୁ ଉନ୍ମୋଚନ କରିବେ। ଦୁଇଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ନ୍ୟାୟ ସେବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ସମ୍ମିଳନୀରେ ଆଇନଜୀବୀ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ଆଇନ ସମ୍ପର୍କିତ ଅନୁଷ୍ଠାନ ଯୋଗଦେବେ।

# ଏନ୍‌ସିଡବ୍ଲ୍ୟୁ କାଉନସିଲ

ମହିଳାଙ୍କ ବିରୁଦ୍ଧରେ ସାଇବର ଅପରାଧ ଉପରେ ଆଧାରିତ ଦେଶବ୍ୟାପୀ ପରାମର୍ଶ ଅଧିବେଶନ ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଂଗ୍ରହ କରାଯାଇଥିବା ମତାମତକୁ ପାଥେୟ କରି କମିଶନ ତାଙ୍କର ସୁପାରିସ ସରକାରଙ୍କ ପାଖରେ ଉପସ୍ଥାପନ କରିଛନ୍ତି ବୋଲି ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର କହିଛନ୍ତି। ଆକାଶବାଣୀ ସମ୍ବାଦ ବିଭାଗ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି, ଏହି ପରାମର୍ଶ ଅଧିବେଶନଗୁଡ଼ିକରେ ସାଇବର ଅପରାଧ ଏବଂ ମହିଳାଙ୍କ ବିରୁଦ୍ଧରେ ଅନ୍ୟାନ୍ୟ ଅପରାଧକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ବହୁ ମତାମତ କମିଶନଙ୍କ ହସ୍ତଗତ ହୋଇଛି। ସେ କହିଛନ୍ତି,

**V/O- NCW-RAHATKAR**

ସାଇବର ଅପରାଧ କିମ୍ବା ଅନ୍ୟାନ୍ୟ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଲେ ଦ୍ୱିଧାହୀନ ଭାବରେ ଅଭିଯୋଗ ପଞ୍ଜୀକରଣ କରିବାକୁ ଅଧ୍ୟକ୍ଷା ରାହତକର ମହିଳାଙ୍କୁ ପରାମର୍ଶ ଦେଇଛନ୍ତି।

# ସଂସଦ ଖେଳ ମହୋତ୍ସବ

ସଂସଦ ଖେଳ ମହୋତ୍ସବର ଏକ ଅଂଶସ୍ୱରୂପ ଆସନ୍ତା ୧୬ ତାରିଖରେ ନୂଆଦିଲ୍ଲୀରେ ନମୋ ଦୌଡ଼ ମାରାଥନର ଆୟୋଜନ କରାଯିବ । କର୍ପୋରେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହି ମହୋତ୍ସବ ପାଇଁ ପ୍ରାୟ ୩୦ହଜାର କ୍ରୀଡ଼ାବିତ୍ ପଞ୍ଜିକରଣ କରିଛନ୍ତି । ବିଭିନ୍ନ ବର୍ଗରେ ୧୧ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରୀଡ଼ା ଏବଂ ସୁସ୍ଥତାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ପ୍ରତିଭା ଚିହ୍ନଟ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ଦେଶ ଗଠନ ଦିଗରେ ବ୍ରତୀ ହେବା ଲକ୍ଷ୍ୟ ନେଇ ମହୋତ୍ସବ ପାଳନ କରାଯାଉଛି ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି।

**V/O–HARSH-MALHOTRA**

ବିଭିନ୍ନ ବର୍ଗରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କୁ ଦକ୍ଷ ପ୍ରଶିକ୍ଷକ, କ୍ରୀଡ଼ା ଉପକରଣ ଏବଂ ସୁ-ବ୍ୟବସ୍ଥିତ ଷ୍ଟାଡିୟମରେ ଖେଳିବାର ସୁଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମାଲହୋତ୍ରା କହିଛନ୍ତି ।

# ପିଏମ୍-ବାରଣାସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନ ବାରାଣସୀ ଗସ୍ତ କରି ଚାରୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବେ। ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-ସହାରନପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ରୁଟରେ ଚଳାଚଳ କରିବ।

ବନାରସ-ଖଜୁରାହୋ ମଧ୍ୟରେ ବନ୍ଦେ ଭାରତ  ସିଧାସଳଖ ସଂଯୋଗ ସ୍ଥାପନ କରିବ। ଏହାଦ୍ୱାରା ବର୍ତ୍ତମାନ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ତୁଳନାରେ ପ୍ରାୟ ୨ ଘଣ୍ଟା ୪୦ ମିନିଟ୍ ଯାତ୍ରା ସମୟ ହ୍ରାସ ପାଇବ। ଏହି ବନ୍ଦେ ଭାରତ ଟ୍ରେନ୍' ବାରାଣସୀ, ପ୍ରୟାଗରାଜ, ଚିତ୍ରକୂଟ ଏବଂ ଖଜୁରାହୋ ସମେତ ଭାରତର ବିଭିନ୍ନ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥାନକୁ ସଂଯୋଗ କରିବ। ଲକ୍ଷ୍ନୌ-ସହାରନପୁର ରୁଟ୍‌ରେ ବନ୍ଦେ ଭାରତ ଯାତ୍ରା ସମୟକୁ ୧ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍ ଲକ୍ଷ୍ନୌ, ସୀତାପୁର, ଶାହଜାହାନପୁର, ବରେଲି, ମୋରାଦାବାଦ ଏବଂ ବିଜନୌର ଯାତ୍ରୀମାନଙ୍କୁ ସୁବିଧା ଦେବ।  ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ ଜାତୀୟ ରାଜଧାନୀ ଏବଂ ପଞ୍ଜାବର ପ୍ରମୁଖ ସହର

ଫିରୋଜପୁର, ବଥିଣ୍ଡା ଏବଂ ପଟିଆଲା ମଧ୍ୟରେ ସଂଯୋଗକୁ ଦ୍ରୁତତର କରିବ।

ଦକ୍ଷିଣ ଭାରତରେ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ବନ୍ଦେ ଭାରତ ଯାତ୍ରା ସମୟକୁ ୨ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍ ପ୍ରମୁଖ ଆଇଟି ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବ।

# ପିଏମ୍-ବାରଣାସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନ ବାରାଣସୀ ଗସ୍ତ କରି ଚାରୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବେ। ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-ସହାରନପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ରୁଟରେ ଚଳାଚଳ କରିବ।

ବନାରସ-ଖଜୁରାହୋ ମଧ୍ୟରେ ବନ୍ଦେ ଭାରତ  ସିଧାସଳଖ ସଂଯୋଗ ସ୍ଥାପନ କରିବ। ଏହାଦ୍ୱାରା ବର୍ତ୍ତମାନ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ତୁଳନାରେ ପ୍ରାୟ ୨ ଘଣ୍ଟା ୪୦ ମିନିଟ୍ ଯାତ୍ରା ସମୟ ହ୍ରାସ ପାଇବ। ଏହି ବନ୍ଦେ ଭାରତ ଟ୍ରେନ୍’ ବାରାଣସୀ, ପ୍ରୟାଗରାଜ, ଚିତ୍ରକୂଟ ଏବଂ ଖଜୁରାହୋ ସମେତ ଭାରତର ବିଭିନ୍ନ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥାନକୁ ସଂଯୋଗ କରିବ। ଲକ୍ଷ୍ନୌ-ସହାରନପୁର ରୁଟ୍‌ରେ ବନ୍ଦେ ଭାରତ

ଯାତ୍ରା ସମୟକୁ ୧ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍ ଲକ୍ଷ୍ନୌ, ସୀତାପୁର, ଶାହଜାହାନପୁର, ବରେଲି, ମୋରାଦାବାଦ ଏବଂ ବିଜନୌର ଯାତ୍ରୀମାନଙ୍କୁ ସୁବିଧା ଦେବ। ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ ଜାତୀୟ ରାଜଧାନୀ ଏବଂ ପଞ୍ଜାବର ପ୍ରମୁଖ ସହର ଫିରୋଜପୁର, ବଥିଣ୍ଡା ଏବଂ ପଟିଆଲା ମଧ୍ୟରେ ସଂଯୋଗକୁ ଦ୍ରୁତତର କରିବ।

ଦକ୍ଷିଣ ଭାରତରେ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଯାତ୍ରା ସମୟକୁ ୨ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍ ପ୍ରମୁଖ ଆଇଟି ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବ।

## ପ୍ରେଜ୍ ଟିମ୍ ଇଣ୍ଡିଆ

ଆଇ.ସି.ସି. ମହିଳା କ୍ରିକେଟ ବିଶ୍ୱକପ୍-୨୦୨୫ ବିଜୟୀ ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟମାନେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇ ସେମାନେ ଇତିହାସ ସୃଷ୍ଟି କରିଥିବା କହିଛନ୍ତି। ପରବର୍ତ୍ତୀ ପିଢ଼ି ପାଇଁ ସେମାନେ ଆଦର୍ଶ ପାଲଟିଥିବା ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି ଆହୁରି ମଧ୍ୟ କହିଛନ୍ତି, ଦଳ ବିଭିନ୍ନ ଅଞ୍ଚଳ, ସାମାଜିକ ପୃଷ୍ଠଭୂମି ପ୍ରତିନିଧିତ୍ୱ କରୁଛନ୍ତି। **V/O-**

# ମେନ୍ସ କ୍ରିକେଟ

କୁଇନ୍ସଲାଣ୍ଡ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ ୪୮ ରନ୍‌ରେ ବିଜୟୀ ହୋଇଛି । କରାରା ଓଭାଲଠାରେ ଖେଳାଯାଇଥିବା ସିରିଜ୍‌ର ଏହି ଚତୁର୍ଥ ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ଅଷ୍ଟ୍ରେଲିଆ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଭାରତ ୮ ୱିକେଟ୍ ବିନିମୟରେ ୧୬୭ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭମନ୍ ଗିଲ୍ ସର୍ବାଧିକ ୪୬ ରନ୍ ସଂଗ୍ରହ କରିଥିଲେ । ୧୬୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୧୮ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା । ଅଷ୍ଟ୍ରେଲିଆ ଦଳ ପକ୍ଷରୁ ଅଧିନାୟକ ମିଚେଲ ମାର୍ସ ସର୍ବାଧିକ ୩୦ ରନ୍ କରିଥିଲେ । ଭାରତର ଅକ୍ଷର ପଟେଲଙ୍କ ଅଲରାଉଣ୍ଡର ସଫଳତା ପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ଚଳିତ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି ।